# ସାଂସଦ ଅମର ସିଂଙ୍କ ଦେହାନ୍ତ



**ନୂଆଦିଲ୍ଲୀ,୧।୮/ଏଜେନ୍ସି:**

ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ସମାଜବାଦୀ ପାର୍ଟି ନେତା ଅମର ସିଂଙ୍କର ଶନିବାର ଦିପ୍ରହରେ ସିଙ୍ଗାପୁରଠାରେ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ହେଲା ଅସୁସ୍ଥ ହୋଇ ସିଙ୍ଗାପୁରରେ ଚିକିତ୍ସିତ ହେଉଥିଲେ । ୨୦୧୩ରେ ତାଙ୍କର କିଡ୍ନୀ ଖରାପ ହୋଇଯାଇଥିଲା । ରୋଗଶଯ୍ୟାରେ ପଡ଼ିଥିଲେ ମଧ୍ୟ ଅମର ସିଂ ସୋସିଆଲ୍ ମିଡ଼ିଆରେ ବେଶ୍ ସକ୍ରିୟ ଥିଲେ । ଏପରିକି ଶନିବାର ମଧ୍ୟ ମୃତ୍ୟୁର ତିନିଘଣ୍ଟା ପୂର୍ବରୁ ସେ ନିଜ ଟ୍ୱିଟର ଆକାଉଣ୍ଟରେ ଇଦ୍ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ବାଲ୍ ଗଙ୍ଗାଧର ତିଳକଙ୍କର ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷଥର ପାଇଁ ମାର୍ଚ୍ଚ ୨୨ରେ ଅମର ହସ୍ପିଟାଲ୍ ବେଡ୍‌ରୁ ଏକ ଛୋଟ ଭିଡିଓ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଥିଲେ । କରୋନା ଲଢେଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମର୍ଥନ କରିବାକୁ ଉକ୍ତ ଭିଡିଓରେ ଅମର ସିଂ ଦେଶବାସୀଙ୍କୁ ନିବେଦନ କରିଥିଲେ ।

ଅମର ସିଂ ପୂର୍ବରୁ ସମାଜବାଦୀ ପାର୍ଟିର ମହାସଚିବ ଏବଂ ସାଂସଦ ଥିଲେ । ସେ ସମୟରେ ସମାଜବାଦୀ ପାର୍ଟି ମୁଖ୍ୟ ମୁଲାୟମ ସିଂ ଯାଦବଙ୍କର ସେ ଖୁବ୍ ଘନିଷ୍ଠ ଥିଲେ । ୨୦୧୦ ଫେବ୍ରୁଆରୀରେ ଅମର ସିଂହ ଓ ଜୟପ୍ରଦାଙ୍କୁ ସମାଜବାଦୀ ପାର୍ଟିରୁ ବହିଷ୍କାର କରାଯାଇଥିଲା । ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ସହ ତାଙ୍କର ସମ୍ପର୍କ ନେଇ ଅମର ସିଂହ ଚର୍ଚ୍ଚିତ ଥିଲେ କିନ୍ତୁ ଜୟା ବଚ୍ଚନଙ୍କ ବିରୋଧରେ ସେ କେତେକ ଅଭିଯୋଗ ଆଣିବାରୁ ଏହି ସମ୍ପର୍କରେ ଭଙ୍ଗା ପଡିଥିଲା । ତେବେ ସମାଜବାଦୀ ପାର୍ଟିରୁ ଅଲଗା ହେବା ପରେ ସେ ରାଜନୀତିରେ ତାଙ୍କର ସକ୍ରିୟତା ଧୀରେଧୀରେ କମିଯାଇଥିଲା ଏବଂ ସେ ଧୀରେଧୀରେ ଭାରତୀୟ ଜନତା ପାର୍ଟିକୁ ସମର୍ଥନ କରିଥିଲେ । ସେ ୧୯୯୬ରେ ପ୍ରଥମେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୬ରେ ଅମର ସିଂହ ସ୍ୱାଧୀନପ୍ରାର୍ଥୀ ଭାବେ ପୁନର୍ବାର ରାଜ୍ୟସଭାକୁ ନିର୍ବାଚିତ ହେଲେ । ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅଭିନେତା ଅମିତାଭ୍ ବଚ୍ଚନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।